# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୮୭୪ /ସୂ.ଲୋ.ସଂ, ୦୨/୧୦/୨୦୧୫

## ଢେଙ୍କାନାଳରେ ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ

ଢେଙ୍କାନାଳ, ତା ୦୨/୧୦/୨୦୧୫ ରିଖ:- ଢେଙ୍କାନାଳ ଜିଲ୍ଲାରେ ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାକୁ ଗ୍ରାମ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ମହାରଥୀ ଆଜି ସନ୍ଧ୍ୟାରେ ସ୍ଥାନୀୟ ମେଳ ଗ୍ରାଉଣ୍ଡଠାରେ ଶୁଭାରମ୍ଭ କରିଛନ୍ତି ।

ମନ୍ତ୍ରୀ ଶ୍ରୀ ମହାରଥୀ ଢେଙ୍କାନାଳ ଜିଲ୍ଲା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ୨୭୩୫୫ ହିତାଧିକାରୀ ଥିବାବେଳେ ଅଦ୍ୟାବଧି ୧୬୩୬୨ ହିତାଧିକାରୀଙ୍କୁ ଚୟନ କରାଯାଇଥିବା କହିଥିଲେ । ଅବଶିଷ୍ଟ ହିତାଧିକାରୀଙ୍କୁ ଖୁବ୍ ଶୀଘ୍ର ଚୟନ କରାଯାଇ ସେମାନଙ୍କ ରାସନ କାର୍ଡ ଖୁବ୍ ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ପ୍ରକାଶ କରିଥିଲେ । ଯୋଗ୍ୟ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କି.ଗ୍ରା. ଚାଉଳ ଓ ଗହମ ଏକ ଟଙ୍କା କିଲୋଗ୍ରାମ (କିଲୋ) ପ୍ରଦାନ କରାଯିବ ବୋଲି କହିଥିଲେ । ଓଡ଼ିଶା ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଗ୍ରାମାଞ୍ଚଳର ଶତକଡ଼ା ୮୨ ଓ ସହରାଞ୍ଚଳର ଶତକଡ଼ା ୫୮ ହାରରେ ହିତାଧିକାରୀ ଚିହ୍ନଟ କରାଯାଉଛି । ୫୦ ଲକ୍ଷ ପର୍ଯ୍ୟନ୍ତ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ବୋଲି ଶ୍ରୀ ମହାରଥୀ କହିଥିଲେ । ଆମ ସରକାର ସମସ୍ତ ଯୋଜନାରେ ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ବିଜୁ ଯୋଜନା ଆରମ୍ଭ କରି ଓଡ଼ିଶାବାସୀଙ୍କର ପ୍ରିୟଭାଜନ ହୋଇପାରିଛି । ଆଗାମୀ ୨୦୨୨ ମସିହା ସୁଦ୍ଧା ଆମ ରାଜ୍ୟରେ ଆଉ କଚ୍ଚାଘର ରହିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ମହାରଥୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଢେଙ୍କାନାଳ ଜିଲ୍ଲାର ଉନ୍ନତି, ପ୍ରଗତି ଓ ସମସ୍ତ କାର୍ଯ୍ୟରେ ତାଙ୍କର ସହଯୋଗ ରହିବ ବୋଲି ଶ୍ରୀ ମହାରଥୀ ସଭାରେ ଘୋଷଣା କରିଥିଲେ । ସଭାରେ ଢେଙ୍କାନାଳ ସଦର ବ୍ଲକର ବ୍ରାହ୍ମଣଗୋରଡ଼ି, ନଗିଆପାଳି, ସପୁଆଲିଆ, ଭାପୁର ଓ ପୌରାଞ୍ଚଳ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ବଣ୍ଟନ କରାଯାଇଥିଲା, ହିତାଧିକାରୀଙ୍କ ମଧ୍ୟରୁ ସଦର ବ୍ଲକର ୪୦ ଜଣ ଓ ପୌରାଞ୍ଚଳର ୩୦ ଜଣଙ୍କ ମଧ୍ୟରୁ ୨୮ ଜଣଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ବଣ୍ଟନ କରାଯାଇଥିଲା ।

(ପ.ପୃ.ଦେ.)

ସାଧାରଣ ସଭାରେ ଅନ୍ୟମାନେ ଅତିଥି ଓଡ଼ିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ରଘୁନାଥ ମହାନ୍ତି ତାଙ୍କ ଅଭିଭାଷଣରେ ଏହି ଯୋଜନା ସରକାରଙ୍କ ଏକ ଅଭିନବ କାର୍ଯ୍ୟ ଏବଂ ରାଜ୍ୟ ସରକାର ନିଜସ୍ୱ ବଜେଟ୍‌ରୁ ଏହି ଯୋଜନା ପ୍ରଚଳନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ୨୪ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୧୮ ଲକ୍ଷ ୨୭ ହଜାର ହିତାଧିକାରୀ ଆଜି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ସେଥି ମଧ୍ୟରୁ ଢେଙ୍କାନାଳ ଜିଲ୍ଲାର ୪୪,୭୬୨ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।

ସାଧାରଣ ସଭା ପ୍ରାରମ୍ଭରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନରୋତ୍ତମ ବେହେରା ସ୍ୱାଗତଭାଷଣ ଦେଇ ସାରା ଜିଲ୍ଲାରେ ୭୭,୩୪୪ ଲକ୍ଷ୍ୟ ହିତାଧିକାରୀଙ୍କ ମଧ୍ୟରୁ ୭୨୦୦୦ ହିତାଧିକାରୀ ଚିହ୍ନଟ କରାଯାଇଥିବା ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ କୋଦଣ୍ଡଧର ସାହୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସଦର ଉପଜିଲ୍ଲାପାଳ ଶ୍ରୀ ବିଶ୍ୱମ୍ଭର ସାମଲ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସାରା ଦେଶରେ ଏକ ଅଭିନବ ଯୋଜନା ଓ ଭାରତବର୍ଷରେ ବିରଳ ବୋଲି କହିଥିଲେ । ଢେଙ୍କାନାଳ ଜିଲ୍ଲା ଯୋଜନା କମିଟି ସଦସ୍ୟ ତଥା ସଦର ବିଧାୟକ ଶ୍ରୀ ସରୋଜ କୁମାର ସାମଲ ସମସ୍ତେ କିପରି ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହୋଇପାରିବେ, ସେଥିପାଇଁ ଏହି ଯୋଜନା ପ୍ରଚଳନ କରାଯାଇଥିବା କହିଥିଲେ । ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ରାଜେନ୍ଦ୍ର ସେଠୀ ଆଗନ୍ତୁକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସାଧାରଣ ସଭା ପୂର୍ବରୁ ସମସ୍ତ ଅତିଥିଗଣ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥିଲେ । ଏହି ସାଧାରଣ ସଭାରେ ସାଧାରଣ ଜନତା ଗଣମାଧ୍ୟମ ପ୍ରତିନିଧି, ସରକାରୀ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

ହେମନ୍ତ କୁମାର ନାୟକ
ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ
ଢେଙ୍କାନାଳ
୨୨।୧୦।୨୦୧୫